ଗ୍ରାମୀଣ କୃଷି ମୌସମ ସେବା
ଭାରତୀୟ ପାଣିପାଗ ବିଭାଗ
ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
ମହିଷାପାଟ,ଢେଙ୍କାନାଳ – ୭୫୯୦୧୩

**Deepanjali Dugal,**
**Jr. Agrometeorologist**

ସପ୍ତାହ ସଂଖ୍ୟା -୦୧

ବୁଲେଟିନ ନମ୍ବର :୦୨
ତାରିଖ : ୦୬.୦୧.୨୦୨୬
(ମଙ୍ଗଳବାର)

## ଢେଙ୍କାନାଳଜିଲ୍ଲା (ମଧ କେନ୍ଦ୍ରୀୟ ଅଧତ୍ୟକା ଜଳବାୟୁ ମଣ୍ଡଳ)

### ଗତ ସପ୍ତାହର ପାଣିପାଗ ସମ୍ବନ୍ଧୀୟ ସୂଚନା (୩୧.୧୨.୨୦୨୫ ରୁ ୦୬.୦୧.୨୦୨୬)

| | |
|---|---|
| ବୃଷ୍ଟିପାତ (ମି.ମି.) | ୦.୦ |
| ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେଲସିୟସ) | ୨୨.୨-୨୮.୦ |
| ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେଲସିୟସ) | ୧୧.୦-୧୮.୫ |

### ଭାରତୀୟ ପାଣିପାଗ ବିଭାଗ ଅନୁଯାୟୀ ଆଗାମୀ ୧୧.୦୧.୨୦୨୬ ତାରିଖ ପର୍ଯ୍ୟନ୍ତ ପାଣିପାଗସୂଚନା

| ତାରିଖ | ବୃଷ୍ଟିପାତ (ମି.ମି.) | ତାପମାତ୍ରା (ଡି.ସେ.) | | ସର୍ବମୋଟ ମେଘାଛାନ୍ନତା (ଅକ୍ଟା) | ଆପେକ୍ଷିକ ଆର୍ଦ୍ରତା (%) | | ପବନର ବେଗ (କି.ମି./ଘ.) | ପବନର ଦିଗ |
|---|---|---|---|---|---|---|---|---|
| | | ସର୍ବାଧିକ | ସର୍ବନିମ୍ନ | | ସର୍ବାଧିକ | ସର୍ବନିମ୍ନ | | |
| 07-01-2026 | 0 | 25 | 9 | 0 | 81 | 29 | 4 | 90 |
| 08-01-2026 | 0 | 25 | 9 | 0 | 65 | 24 | 4 | 336 |
| 09-01-2026 | 0 | 26 | 10 | 2 | 65 | 23 | 3 | 348 |
| 10-01-2026 | 0 | 26 | 10 | 3 | 61 | 19 | 4 | 343 |
| 11-01-2026 | 0 | 27 | 11 | 3 | 61 | 22 | 5 | 326 |

**ଆଗାମୀ ୫ ଦିନର ପାଣିପାଗ ସୂଚନା:**
ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଅନୁସାରେ ଢେଙ୍କାନାଳ ଜିଲ୍ଲାରେ ଆଗାମୀ ୫ଦିନ ବର୍ଷା ନାହିଁ। ଆକାଶ ପରିଷ୍କାର ରୁ ଆଂଶିକ ମେଘୁଆ ରହିବ ।ଆଗାମୀ ୫ଦିନ ପବନ ୦୩-୦୫ କି.ମି. ପ୍ରତି ଘଣ୍ଟା ବେଗରେ ପ୍ରବାହିତ ହେବାର ସୂଚନା ରହିଛି । ସର୍ବୋଚ୍ଚ ତାପମାତ୍ରା ୨୫ ଡି.ସେ ରୁ ୨୭ ଡି.ସେ ଓ ସର୍ବନିମ୍ନ ତାପମାତ୍ରା ୦୯-୧୧ ଡି.ସେ ମଧ୍ୟରେ ରହିବାର ସମ୍ଭାବନା ଅଛି। ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା ୬୧ ରୁ ୮୧ ପ୍ରତିଶତ ମଧ୍ୟରେ ରହିବ ଓ ସର୍ବନିମ୍ନ ଆପେକ୍ଷିକ ୧୯-୨୯ ପ୍ରତିଶତ ମଧ୍ୟରେ ରହିବ ।

**ଚେତାବନୀ**: କୌଣସି ଚେତାବନୀ ନାହିଁ ।

**କୃଷିସୂଚନ**

ସାଧାରଣ ଉପଦେଶ

- ଶିତ ଲହରୀରୁ ରକ୍ଷା କରିବା ପାଇଁ ସନ୍ଧ୍ୟା ସମୟରେ ଧାନ ତଳିଘେରାକୁ ବୋରେୱେଲ ପାଣି ଦ୍ୱାରା ଜଳସେଚନ କରନ୍ତୁ ଏବଂ ଠିଆ ପାଣି କାଟି ଦେଇ ମାଟିକୁ ଓଦା ରଖନ୍ତୁ।
- ରାତ୍ରି ତାପମାତ୍ରା ହ୍ରାସରୁ ଶୀତ ଦିନିଆ ପନିପରିବାକୁ ସୁରକ୍ଷା ଯୋଗାଇବା ପାଇଁ ସକାଳ ଓ ସନ୍ଧ୍ୟା ସମୟରେ ଜଳ ସେଚନ କରନ୍ତୁ ।
- ଧାନ ଓ ପନିପରିବା ତଳିଘେରାକୁ ପଲିଥିନ ସାହାର୍ଯ୍ୟରେ ଘୋଡାଇ ରଖନ୍ତୁ ।

| ଫସଲ | ଅବସ୍ଥା | ପାଣିପାଗ ଭିତ୍ତିକ କୃଷି ପରାମର୍ଶ |
|---|---|---|
| ଡାଲୁଅ ଧାନ | ତଳି ଘେରା ଅବସ୍ଥା | • ଧାନ ତଳି ଓପାଡିବା ୭ ଦିନ ପୂର୍ବରୁ ପ୍ରତି ୧୦ ଡେସିମିଲ ତଳିଘେରାରେ ୮୦୦ଗ୍ରାମ Cartap Hydrochloride 4G ଦାନାଦାର କୀଟନାଶକ କିମ୍ବା ୪୦୦ଗ୍ରାମ Chlorantraniliprole ଦାନାଦାର କୀଟନାଶକ, ପ୍ରୟୋଗ କରନ୍ତୁ । ଦାନାଦାର କୀଟନାଶକ ପ୍ରୟୋଗ କରିବା ଦ୍ୱାରା ଧାନ ରୋଇବାର ୩ ସପ୍ତାହ ପର୍ଯ୍ୟନ୍ତ, କାଣ୍ଡବିନ୍ଧା, ଚେରଗଣ୍ଠି ସୂତ୍ରକୃମି, ବଙ୍ଗୀ ଓ ପତ୍ରମୋଡା ତଥା ନଳୀ ପୋକ ଆକ୍ରମଣରୁ ଫସଲକୁ ରକ୍ଷା କରାଯାଇ ପାରିବ । |
| ଆଖୁ: | ଲଗାଇବା ଅବସ୍ଥା | • ନାଲିସଢା ରୋଗ ନହେବା ପାଇଁ CO-7219, CO-8371, CO-8013, CO-8014, CO-6907, CO-7601 ଓ CO- 7602 କିସମ ଚୟନ କରନ୍ତୁ । ଆଖୁ ବିହନ ଲଗାଇବା ପୂର୍ବରୁ ବିହନ ବିଶୋଧନ କରିବା ନିହାତି ଜରୁରୀ । ବିହନ ବିଶୋଧନ କରିବା ପାଇଁ ପ୍ରଥମେ ୧୦୦-ଲିଟର ପାଣିରେ ୧୫୦-ଗ୍ରାମ Carbendazim, ୨୦୦-ମିଲି Chlorpyriphos ଓ ୧କିଲୋଗ୍ରାମ ୟୁରିଆ ସାର ମିଶାଇ ଏକ ଦ୍ରବଣ ପ୍ରସ୍ତୁତ କରନ୍ତୁ । ଏହି ଦ୍ରବଣରେ ଆଖୁଖଣ୍ଡ ଗୁଡ଼ିକୁ ୩୦ମିନିଟ ବୁଡାଇ ମୁଖ୍ୟ ଜମିରେ ଲଗାନ୍ତୁ । Chlorpyriphos କୀଟନାଶକକୁ ମାଟିରେ ପ୍ରୟୋଗ କରୁଥିଲେ ଏହି ଦ୍ରବଣ ରେ ମିଶାନ୍ତୁ ନାହିଁ । |
| ହରଡ | ଫୁଲ ଫୁଟିବା | • ହରଡରେ ଛୁଇଁ ବିନ୍ଧା ପୋକ ପରିଚାଳନା ପାଇଁ ଏକର ପ୍ରତି ୬୦୦ ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ ପିପିଏମକୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ। ଫୁଲ ଆସିବା |

| | | |
|---|---|---|
| | ଅବସ୍ଥା | ପର ଠାରୁ ଫସଲରେ ଟ୍ରାଇକୋଗ୍ରାମ କାର୍ଡକୁ ଏକ ସପ୍ତାହ ଅନ୍ତରରେ ବ୍ୟବହାର କରିପାରିବେ ।<br>• ରାସାୟନିକ ଉପାୟରେ ପରିଚାଳନା ପାଇଁ ଏକର ପ୍ରତି ୪୦୦ ମିଲି Profenophos ନାମକ କୀଟନାଶକ କିମ୍ବା ୪୦୦ ମିଲି Chloropyriphos ଏବଂ Cypermethrine ର ମିଳିତ କୀଟନାଶକ କିମ୍ବା Emamectin benzoate @ ୯୦ ଗ୍ରାମକୁ, ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ। |
| ମୁଗ ଓ ବିରି | ଅଙ୍ଗୀୟ ବୃଦ୍ଧି ଅବସ୍ଥା | • ବର୍ତମାନ ସମୟରେ ମୁଗ ଓ ବିରି ଫସଲ ରେ ସାହେବୀ ରୋଗ ଲାଗିବାର ସମ୍ଭାବନା ଅଛି । ଧଳା ମାଛି, ସାହେବୀ ରୋଗ ର ବାହକ ଅଟେ । ଧଳା ମାଛି ର ନିୟନ୍ତ୍ରଣ ପାଇଁ ଏକର ପ୍ରତି triazophos @ ୪୦୦ ମିଲି କିମ୍ବା Acetamipride @ ୪୦ ଗ୍ରାମ, ୨୦୦ ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ। |
| ଚିନାବାଦାମ | ଅଙ୍ଗୀୟ ବୃଦ୍ଧି ଅବସ୍ଥା | • ପ୍ରାଥମିକ ଅବସ୍ଥାରେ ପତ୍ର ସୁଡଙ୍ଗୀ ପୋକର ପରିଚାଳନା ପାଇଁ ଏକର ପ୍ରତି ୧ ଲିଟର ନିମ୍ବ ଆଧାରିତ କୀଟନାଶକ ୩୦୦ ପିପିଏମକୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ। ରାସାୟନିକ ଉପାୟରେ ପାତ୍ର ସୁଡଙ୍ଗୀ ପୋକର ପରିଚାଳନା ପାଇଁ ଏକର ପ୍ରତି ୪୦୦ ମିଲି Profenophos ନାମକ କୀଟନାଶକ କିମ୍ବା ୪୦୦ ମିଲି Chloropyriphos ଏବଂ Cypermethrine ର ମିଳିତ କୀଟନାଶକ, ୨୦୦ ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ। |
| ଟମାଟୋ | ଅଙ୍ଗୀୟ ବୃଦ୍ଧି ଅବସ୍ଥା | • ବର୍ତମାନ ସମୟରେ କୁହୁଡିଆ ପାଗ ଯୋଗୁଁ ଟମାଟୋରେ ଜଉ ପୋକ ଲାଗିବାର ସମ୍ଭାବନା ଅଛି । ଏହାର ନିୟନ୍ତ୍ରଣ ପାଇଁ ନିମ୍ବ ଆଧାରିତ ତେଲ @ ୭୦୦ ପିପିଏମ କିମ୍ବା Flonicam @ ୭୦ ଗ୍ରାମ ଏକର ପ୍ରତି ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । |
| ବାଇଗଣ | ଅଙ୍ଗୀୟ ବୃଦ୍ଧି ଅବସ୍ଥା | • ବାଇଗଣ ଫସଲରେ ଧଳା ମାଛିକୁ ଆକୃଷ୍ଟ କରିବା ପାଇଁ ଏକର ପ୍ରତି ୮ ରୁ ୧୦ ଟି ହଳଦିଆ ଅଠା ଯନ୍ତା ବ୍ୟବହାର କରନ୍ତୁ । ପ୍ରାଥମିକ ଅବସ୍ଥାରେ ଏହି ପୋକର ପରିଚାଳନା ପାଇଁ ଏକର ପ୍ରତି ୭୦୦ ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ PPM Azadirachtin କୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।<br>• ରାସାୟନିକ ଉପାୟରେ ଫସଲରେ ଧଳାମାଛି ର ପରିଚାଳନା ପାଇ ଏକର ପ୍ରତି ୪୦ ଗ୍ରାମ Thiamethoxam ନାମକ କୀଟନାଶକ କିମ୍ବା ୨୦୦ ମିଲି Pyriproxifen ନାମକ କୀଟନାଶକ କିମ୍ବା ୨୫୦ ମିଲି Spiromesifen ନାମକ କୀଟନାଶକ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । |
| ପିଆଜ | ଅଙ୍ଗୀୟ ବୃଦ୍ଧି ଅବସ୍ଥା | • ପିଆଜ ତଳିଗୁଡିକ ୧୨ ରୁ୧୫ ସେ.ମି. ଉଚ୍ଚା କିମ୍ବା ୮ ସପ୍ତାହର ହୋଇଗଲେ ମୁଖ୍ୟ ଜମିରେ ଲଗାନ୍ତୁ । ପିଆଜ ତଳି ରୋଇବା ପୂର୍ବରୁ ଏକର ପ୍ରତି ୧୦ ଟନ ଶଢ଼ା ଗୋବର ଖତ ବା କମ୍ପୋଷ୍ଟ, ୫୨ କିଲୋଗ୍ରାମ ଡିଏପି, ୨୦ କିଲୋଗ୍ରାମ ୟୁରିଆ , ୩୦ କିଲୋଗ୍ରାମ ମ୍ୟୁରେଟ ଅଫ ପଟାସ ସାର ଏବଂ ୨୦ କିଲୋଗ୍ରାମ ସଲଫର ପ୍ରୟୋଗ କରି ମାଟିରେ ଭଲ ଭାବରେ ମିଶାଇ ଦିଅନ୍ତୁ । ଧାଡି କୁ ଧାଡି ୧୫ ସେ.ମି. ଏବଂ ଗଛ କୁ ଗଛ ୧୦ ସେ.ମି. ବ୍ୟବଧାନ ରଖି ଉପର ବେଳା ତଳି ରୋପଣ କରନ୍ତୁ । |
| ଆମ୍ବ | ଅଙ୍ଗୀୟ ବୃଦ୍ଧି ଅବସ୍ଥା | • ନୂଆରେ ଲାଗିଥିବା ଆମ୍ବ ଗଛ ଚାରିପଟେ ପୋଲିଥିନ ଘୋଡାଇ ଦିଅନ୍ତୁ । ଉଇ ନ ଲାଗିବା ପାଇଁ chloropyriphos ୨୦EC @୨.୫ ମିଲି ୧ ଲିଟର ପାଣିରେ ମିଶାଇ ଗଛ ମୂଳ ଚାରିପଟେ ସିଞ୍ଚନ କରନ୍ତୁ । ଆଗରୁ ଲାଗିଥିବା ଆମ୍ବ ଗଛ ରେ ୧୫ ଦିନ ଅନ୍ତରରେ ପାଣି ଦିଅନ୍ତୁ । |
| ପ୍ରାଣୀ ସମ୍ପଦ | • ଗାଈଗୋରୁ ମାନଙ୍କୁ FMD, Haemorrhagic Septicaemia, Black Quarter, Enterotoxemia ଆଦି ରୋଗ ପାଇଁ ଟୀକା କାରଣ କରନ୍ତୁ । ଶୀତ ଋତୁ ରେ ଗାଈଗୋରୁ ମାନଙ୍କ ପାଇଁ ପର୍ଯ୍ୟାପ୍ତ ଗୋଖାଦ୍ୟ ଓ ଘାସ ସାଇତି ରଖନ୍ତୁ । | |
| କୁକୁଡା | • ଶୀତଦିନେ କୁକୁଡ଼ା ଘରକୁ ଥଣ୍ଡା ପବନରୁ ରକ୍ଷା କରିବା ପାଇଁ ଝୋଟ ଅଖା ବ୍ୟାଗ ବ୍ୟବହାର କରି ଇନସୁଲେଟ୍ କରନ୍ତୁ ଏବଂ ସେହି ସମୟରେ ଆମୋନିୟା ରୋଗ ସୃଷ୍ଟି ନହେବା ପାଇଁ ବାୟୁ ଚଳାଚଳ ହେବା ପାଇଁ ଯତ୍ନ ନିଅନ୍ତୁ।<br>• ଅଣ୍ଡା ଦିଆ କୁକୁଡାକୁ ମିନେରାଲ୍ ଏବଂ କ୍ୟାଲସିୟମ୍ ଯୁକ୍ତ ଖାଦ୍ୟ ସମ୍ପୂର୍ଣ ଖାଦ୍ୟର @୩.୨୫ % ଖାଇବାକୁ ଦିଅନ୍ତୁ। | |

ସହଯୋଗୀ ଗବେଷଣା ନିର୍ଦେଶକଙ୍କ ଦ୍ୱାରା ସ୍ୱୀକୃତ

ଚାଷରେ ଅଧିକ ଲାଭବାନ ହେବା ପାଇଁ ଓୟୁଏଟି କଳିଙ୍ଗ ଉତ୍ପାଦ (ଚାରା,QPM,ଟିସୁ କଲଚର ଗଛ,ଫଳ ଓ ପନିପରିବା,ଯାଆଁଳ,କୁକୁଡା ଚିଆଁ,ଛତୁ,ଛତୁ ମଞ୍ଜି,ଜୈବିକ ସାର,ଜୈବିକ କୀଟନାଶକ,ଜିଆ ଖତ,କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ ।

ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଓ ପାଣିପାଗ ଭିତିକ କୃଷି ସୂଚନା ନିମନ୍ତେ ଅଧିକ ବିବରଣୀ ପାଇଁ MEGHDOOT ମୋବାଇଲ ଆପ ବ୍ୟବହାର କରନ୍ତୁ ।

(Android: https://play.google.com/store/apps/details?id=com.aas.meghdoot)

(iOS: https://apps.apple.com/in/app/meghdoot/id1474048155)